[2008] 3 S.C.R. 631

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ଅନ୍ୟଜଣେ

ବନାମ

ସତବୀର ସିଂହ ମହଲ

(ଦେୱାନୀ ଅପିଲ ସଂଖ୍ୟା 1666/2008)

ଫେବୃଆରୀ 29, 2008

**[ଏଚ୍.କେ. ସେମା ଏବଂ ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ :*

*ମନ୍ଦ ଆଚରଣ — ଅପସାରଣ — ଉତ୍ତରଦାତାଙ୍କର — ବିଦ୍ୟାଳୟର ଶିକ୍ଷକ, ପ୍ରଧାନ ଶିକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟ କୋଠରୀରେ ଶାରୀରିକ ଆକ୍ରମଣ କରି ତାଙ୍କ ଆଖିରେ ଗମ୍ଭୀର ଆଘାତ ଦେଇଥିବାରୁ — ଯଥାର୍ଥତା — ଦର୍ଶାଯାଇଛି : ଯଥାର୍ଥତା ପ୍ରତିପାଦିତ — ଉତ୍ତରଦାତା ଜଣେ ଶିକ୍ଷକ ହେବା ପାଇଁ ଯୋଗ୍ୟ ନୁହନ୍ତି।*

ଉତ୍ତରଦାତା-ବିଦ୍ୟାଳୟ ଶିକ୍ଷକ, ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟ କୋଠରୀରେ ଶାରୀରିକ ଆକ୍ରମଣ କରିଥିଲେ ଯାହା ତାଙ୍କ ଆଖିରେ ଗମ୍ଭୀର ଆଘାତ ଦେଇଥିଲେ । ପରଦିନ ଉତ୍ତରଦାତା ଏକ ଲିଖିତ କ୍ଷମା ପ୍ରାର୍ଥନା ଦାଖଲ କରିଥିଲେ । ତେବେ ତାଙ୍କୁ ଦୋଷାରୋପିତ କରାଯାଇଥିଲା, ଯାହା ଅନୁଯାୟୀ ତଦନ୍ତ ଅଧିକାରୀ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଚାକିରିରୁ ଅପସାରଣ କରି ଦିଆଯାଇଥିଲା । ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ, ଉତ୍ତରଦାତା ମାନସିକ ଚାପରେ ମନ୍ଦ ଆଚରଣ କାର୍ଯ୍ୟ କରିଛନ୍ତି, ଯେଉଁଥିପାଇଁ ସେ ଲିଖିତ କ୍ଷମା ପ୍ରାର୍ଥନା କରିଛନ୍ତି ଏବଂ ଯେହେତୁ ଭରଣପୋଷଣ କରିବା ପାଇଁ ତାଙ୍କର ଏକ ପରିବାର ଅଛି, ତେଣୁ ଚାକିରିରୁ ଅପସାରଣର ଦଣ୍ଡ ଅସଙ୍ଗତ ଥିଲା । ତଦନୁସାରେ ନ୍ୟାୟାଧିକରଣ ଅପସାରଣ ଆଦେଶକୁ ନାକଚ କରିଦେଲେ ଏବଂ ଦଣ୍ଡକୁ ପାଞ୍ଚ ବର୍ଷ ପାଇଁ ସାମୂହିକ ପ୍ରଭାବ ସହିତ ତିନୋଟି ବେତନ ବୃଦ୍ଧିକୁ ସ୍ଥଗିତ ରଖିଥିଲେ । ଉଚ୍ଚ ନ୍ୟାୟାଳୟ ନ୍ୟାୟାଧିକରଣର ଆଦେଶକୁ କାଏମ ରଖିଥିଲେ । ତେଣୁ ବର୍ତ୍ତମାନର ଅପିଲ ।

ଅପିଲକୁ ଅନୁମତି ଦେଇ, ନ୍ୟାୟାଳୟ

**ଦର୍ଶାଇଛନ୍ତି : ଜଣେ ଶିକ୍ଷକ ସମାଜରେ ଏକ ଆଦର୍ଶ ହେବା ଆବଶ୍ୟକ । ସେ ଜଣେ 'ଗୁରୁ' ଯିଏ ଛାତ୍ରମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରନ୍ତି । ଜଣେ ବ୍ୟକ୍ତି ଯିଏ ଅନୁଷ୍ଠାନର ପ୍ରଧାନଶିକ୍ଷକଙ୍କୁ ଶାରୀରିକ ଆକ୍ରମଣ କରନ୍ତି, ସେ ଶିକ୍ଷକ ହେବା ପାଇଁ ଯୋଗ୍ୟ ନୁହନ୍ତି । ସେ ଅଧିକନ୍ତୁ ଗୁଣ୍ଡା ଭଳି ଅଟନ୍ତି । ତେଣୁ, ଉତ୍ତରଦାତାଙ୍କୁ ଦିଆଯାଇଥିବା ଚାକିରିରୁ ଅପସାରଣ ଦଣ୍ଡରେ ନ୍ୟାୟାଧିକରଣ ହସ୍ତକ୍ଷେପ କରିବା ପାଇଁ କୌଣସି ଯଥାର୍ଥ ଆଧାର ନଥିଲା । ତଦନୁସାରେ ଉତ୍ତରଦାତାଙ୍କ ବିରୁଦ୍ଧରେ ପାରିତ ଅପସାରଣ ଆଦେଶ ପୁନଃସ୍ଥାପିତ ହୋଇଛି ।**

**[Para 8] [633- D, E, F]**

ଦେୱାନୀ ଅପିଲ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 1666/2008 ।

ଡି.ବି.ସି.ଡବ୍ଲ୍ୟୁ.ପି. ସଂଖ୍ୟା 3812/2002ରେ ରାଜସ୍ଥାନ ସ୍ଥିତ ଉଚ୍ଚ ନ୍ୟାୟାଳୟର, ଜୟପୁର ବିଚାରପୀଠ, ଜୟପୁରର 31.1.2006ତାରିଖର ରାୟ ଏବଂ ଅନ୍ତିମ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏସ୍. ରାଜପ୍ପା ।

ଉତ୍ତରଦାତାଙ୍କ ପାଇଁ ଡ଼ଃ ସୁଶୀଲ ବଲୱାଡ଼ା ।

ନ୍ୟାୟାଳୟଙ୍କ ରାୟ **ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତି**ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

1. ଅନୁମତି ପ୍ରଦାନ କରାଯାଇଛି ।

2. ଡିବି ସିଭିଲ୍ ରିଟ୍ ଆବେଦନ ସଂଖ୍ୟା 3812/2002ରେ ରାଜସ୍ଥାନ ସ୍ଥିତ ଉଚ୍ଚ ନ୍ୟାୟାଳୟ, ଜୟପୁର ବିଚାରପୀଠର ତା 31.1.2006ରିଖର ଆକ୍ଷେପିତ ରାୟ ବିରୁଦ୍ଧରେ ଏହି ଅପିଲ କରାଯାଇଛି ।

3. ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ଏବଂ ନଥିକୁ ଅନୁଧ୍ୟାନ କଲୁ ।

4. ମାମଲାର ତଥ୍ୟ ହେଉଛି ଯେ, ଏହି ଅପିଲରେ ଉତ୍ତରଦାତା କେନ୍ଦ୍ରୀୟ ବିଦ୍ୟାଳୟ ଅର୍ଥାତ୍ ଅପିଲକାରୀର ସେବାରେ ଜଣେ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ (ଏହାପରେ ସଂକ୍ଷେପରେ 'ଟି.ଜି.ଟି. ଶିକ୍ଷକ') (ଗଣିତ) ଭାବରେ କାର୍ଯ୍ୟ କରୁଥିଲେ । 23.2.1999ରେ ବାୟୁସେନାର ସୁରତଗଡ଼ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଂଖ୍ୟା 1ରେ ଟି.ଜି.ଟି. ଶିକ୍ଷକ (ଗଣିତ) ଭାବେ କାର୍ଯ୍ୟ କରୁଥିବା ବେଳେ ସେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିଜ କାର୍ଯ୍ୟାଳୟ କୋଠରୀରେ ଶାରୀରିକ ଆକ୍ରମଣ କରିଥିଲେ, ଯାହାଫଳରେ ପ୍ରଧାନଶିକ୍ଷକ ଶ୍ରୀ ଆର୍.ଡି. ଶାହାଙ୍କ ଡ଼ାହାଣ ଆଖିରେ ଗୁରୁତର ଆଘାତ ଲାଗିଥିଲା ।

ପରଦିନ ସେ ଲିଖିତ କ୍ଷମା ପ୍ରାର୍ଥନା କରିଥିଲେ । ତଥାପି, ତାଙ୍କୁ ଦୋଷାରୋପିତ କରାଯାଇଥିଲା ଏବଂ ତାଙ୍କ ବିରୋଧରେ ଏକ ତଦନ୍ତ କରାଯାଇଥିଲା ଏବଂ ତଦନ୍ତ ଅଧିକାରୀ 24.2.2000 ରେ ତାଙ୍କ ବିବୃତି ଦାଖଲ କରିଥିଲେ, ଯାହାର ଏକ ନକଲ ଏହି ଅପିଲ ପାଇଁ ଅନୁଲଗ୍ନକ ପି-4 ରେ ଅଛି ।

5. ତଦନ୍ତ ଅଧିକାରୀ ଉତ୍ତରଦାତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତଦନୁସାରେ ତାଙ୍କ ବିରୋଧରେ ଶୃଙ୍ଖଳା କର୍ତ୍ତୃପକ୍ଷଙ୍କ ଦ୍ୱାରା 1.5.2000 ତାରିଖ ବିଶିଷ୍ଟ ସେବାରୁ ଅପସାରଣ ଆଦେଶ ପାରିତ କରାଯାଇଥିଲା । ଉତ୍ତରଦାତା ଅପିଲ ପ୍ରାଧିକାରୀଙ୍କ ନିକଟରେ ଏକ ଅପିଲ ଦାଖଲ କରିଥିଲେ ଯାହା ଅପିଲକୁ ପ୍ରତ୍ୟାଖ୍ୟାନ କରିଥିଲା ।

6. ଏହାପରେ ଉତ୍ତରଦାତା ଜୟପୁରର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣରେ ଏକ ଓ.ଏ. ଦାଖଲ କରିଥିଲେ । ନ୍ୟାୟାଧିକରଣଙ୍କ ମତ ଥିଲା ଯେ, ଉତ୍ତରଦାତା ମାନସିକ ଚାପରେ ମନ୍ଦ ଆଚରଣ କାର୍ଯ୍ୟ କରିଛନ୍ତି ଏବଂ ସେ ତାଙ୍କର ଲିଖିତ କ୍ଷମା ପ୍ରାର୍ଥନା ଦାଖଲ କରିଛନ୍ତି ଏବଂ ଭରଣପୋଷଣ କରିବା ପାଇଁ ତାଙ୍କର ଏକ ପରିବାର ଅଛି । ତେଣୁ, ନ୍ୟାୟାଧିକରଣଙ୍କ ମତ ଥିଲା ଯେ, ଚାକିରିରୁ ଅପସାରଣର ଦଣ୍ଡ ଅସଙ୍ଗତ ଥିଲା ଏବଂ ଏହା ପରିବର୍ତ୍ତେ, ନ୍ୟାୟାଧିକରଣ ଦଣ୍ଡକୁ ହ୍ରାସ କରି ପାଞ୍ଚ ବର୍ଷର ଅବଧି ପାଇଁ ସାମୂହିକ ପ୍ରଭାବ ସହିତ ତିନୋଟି ବେତନ ବୃଦ୍ଧିକୁ ସ୍ଥଗିତ ରଖିଥିଲେ । ତଦନୁସାରେ, ନ୍ୟାୟାଧିକରଣ ଅପସାରଣ ଆଦେଶକୁ ରଦ୍ଦ କରିଦେଇଥିଲେ ।

7. ଅପିଲକାରୀ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ କରିଥିଲେ ଯାହା ନ୍ୟାୟାଧିକରଣଙ୍କ ଦୃଷ୍ଟିକୋଣକୁ କାଏମ ରଖିଥିଲା ଏବଂ ରିଟ୍ ଆବେଦନକୁ ଖାରଜ କରିଦେଇଥିଲା । ତେଣୁ ସ୍ୱତନ୍ତ୍ର ଅନୁମତି ମାଧ୍ୟମରେ ଏହି ଅପିଲ ।

8. ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ବଜାୟ ରଖିବାରେ ଆମର ଅକ୍ଷମତା ପାଇଁ ଆମେ ଦୁଃଖିତ ଅଟୁ । ଜଣେ ଶିକ୍ଷକ ସମାଜରେ ଏକ ଆଦର୍ଶ ହେବା ଆବଶ୍ୟକ । ସେ ଜଣେ 'ଗୁରୁ' ଯିଏ ଛାତ୍ରମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରନ୍ତି । ଜଣେ ବ୍ୟକ୍ତି ଯିଏ ଅନୁଷ୍ଠାନର ପ୍ରଧାନଶିକ୍ଷକଙ୍କୁ ଶାରୀରିକ ଆକ୍ରମଣ କରନ୍ତି, ଆମ ମତରେ, ଜଣେ ଶିକ୍ଷକ ହେବା ପାଇଁ ଯୋଗ୍ୟ ନୁହଁନ୍ତି । ସେ ଅଧିକନ୍ତୁ ଗୁଣ୍ଡା ଭଳି ଅଟନ୍ତି । ତେଣୁ, ଆମ ମତରେ, ଉତ୍ତରଦାତାଙ୍କୁ ଦିଆଯାଇଥିବା ଅପସାରଣ ଦଣ୍ଡରେ ହସ୍ତକ୍ଷେପ କରିବା ପାଇଁ ନ୍ୟାୟାଧିକରଣଙ୍କ ପାଖରେ କୌଣସି ଯଥାର୍ଥ ଆଧାର ନଥିଲା । ଉପରୋକ୍ତ କାରଣଗୁଡ଼ିକ ପାଇଁ, ଆମେ ଉଚ୍ଚ ନ୍ୟାୟାଳୟ ତଥା ନ୍ୟାୟାଧିକରଣଙ୍କ

ଆକ୍ଷେପିତ ରାୟକୁ ରଦ୍ଦ କରୁଛୁ ଏବଂ ଉତ୍ତରଦାତାଙ୍କ ବିରୋଧରେ ପାରିତ ଅପସାରଣ ଆଦେଶକୁ ପୁନରୁଦ୍ଧାର କରୁଛୁ । ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ବି.ବି.ବି. ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**ଅନୁବାଦକ**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ